# କାହା ସ୍ଥାନ କେଉଁଠି ଜାଣିବା

ପାଠ-୬




'ଜଙ୍ଗଲ ସୁରକ୍ଷା, ଜୀବନ ରକ୍ଷା' କହିକହି ପଶୁପକ୍ଷୀ ଛୁଆମାନେ ବଣରାଇଜରେ ବୁଲୁଥାନ୍ତି ।
କଥାଟା ସିଂହରାଜାଙ୍କ ମନକୁ ପାଇଲା । ସେ ବାଘକୁ କହିଲେ -
'ବଳୁଆ ବଳୁଆ ପଶୁ ବାଛି ବଣ ଜଗୁଆଳି ରୂପେ ଚାକିରି ଦିଅ ।'






ଏକ ଦୌଡ଼ ପ୍ରତିଯୋଗିତା କରି
ଦଶ ଜଣ ପଶୁ ବାଛିବାକୁ ବାଘ ଭାବିଲା ।
ଭାଲୁ ଡେଙ୍ଗୁରା ବଜାଇ ବଣରେ ଚହଳ କରିଦେଲା ।

ତା' ପରଦିନ ଦୌଡ଼ ପ୍ରତିଯୋଗିତା ହେଲା । ସବୁ ପଶୁମାନେ ଏକାଠି ହେଲେ । ଦୌଡ଼ ପ୍ରତିଯୋଗିତା ଆରମ୍ଭ ହେଲା । ବିଚାରପତି ହେଲା ହନୁମାଙ୍କଡ଼, ପାତିମାଙ୍କଡ଼ ଲେଖାଲେଖି କଲା ।

ଆଗପଛ ହୋଇ ଯେଉଁ ୧୦ଜଣ ଲାଲଗାର ପାର ହେଲେ, ସେମାନଙ୍କ ବେକରେ କାର୍ଡ଼ ଓହଳାଇ ଦିଆଗଲା ।




ଚିତାବାଘ ଆଗ ଲାଲଗାର ପାରହେଲା ।

ଚିତାବାଘ - ପ୍ରଥମ

ହରିଣ - ଦ୍ୱିତୀୟ

ଘୋଡ଼ା - ତୃତୀୟ

| | |
|---|---|
| ଚିତାବାଘ | ପ୍ରଥମ |
| ହରିଣ | ଦ୍ୱିତୀୟ |
| ଗୟଳ | ତୃତୀୟ |
| ଘୋଡ଼ା | ଚତୁର୍ଥ |
| ଭାଲୁ | ପଞ୍ଚମ |
| ଗଧ | ........ |
| ଓଟ | ........ |
| ଜିରାଫ | ........ |
| ନେଉଳ | ........ |
| ଠେକୁଆ | ........ |



**ପାତିମାଙ୍କଡ଼ ଫଳାଫଳ ପୂରଣ କରୁଛି, ତାକୁ ସାହାଯ୍ୟ କର ।**

ଲେଖ,


- ଆଗ କିଏ ଆସି ଲାଲ ଗାର ପାର ହେଲା ? ....................
- ପ୍ରଥମ ଲେଖାଥିବା କାର୍ଡ଼ଟି କିଏ ପାଇଲା ? ....................
- ଚିତାବାଘ ପରେ କିଏ ଲାଲ ଗାର ପାରହେଲା ? ....................

- ତାକୁ ମିଳିଥିବା କାର୍ଡରେ କ'ଣ ଲେଖାଥିଲା ? ......................
- ଘୋଡ଼ା କେଉଁ ସ୍ଥାନରେ ଅଛି ? ......................
- ପଞ୍ଚମ ସ୍ଥାନରେ କିଏ ଅଛି ? ......................
- ଭାଲୁ ପୂର୍ବରୁ କେତେ ଜଣ ପହଞ୍ଚିଥିଲେ ? ......................
- କିଏ ଶେଷରେ ଆସିଲା ? ......................
- ତାକୁ ମିଳିଥିବା କାର୍ଡ଼ରେ କ'ଣ ଲେଖାଥିଲା ? ......................


## ନେଉଳର ମାଛଧରା–

ନେଉଳର ବନିଶୀ ଖାଡ଼ିରେ ପ୍ରଥମେ ଭାକୁର ମାଛ ପଡ଼ିଲା ।
ଭାକୁର ମାଛକୁ ବଞ୍ଚାଇବା ପାଇଁ କିଏ କିଏ
ତା' ପଛକୁ ପଛକୁ ଓହଳିଲେ ?

ବନଶୀଖାଡ଼ି ଓଜନିଆ ହେବାରୁ ନେଉଳ
କାହାକୁ ଡାକିଲା ?
ଓଧ ଓ ନେଉଳ କିଏ କାହାକୁ ଖାଇବେ
ଗାର ଟାଣି ଦେଖାଅ ।



- ଥରେ କୁକୁରମାନଙ୍କର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହେଉଥିଲା । ସେମାନଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଅନୁସାରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୧୦ଟି କୁକୁର ଖୁଣ୍ଟିରେ ବନ୍ଧା ହୋଇଛନ୍ତି । ଖୁଣ୍ଟିରୁ ଡୋରି ଦେଇ ଯାଅ, ସେମାନଙ୍କର ସ୍ଥାନ ବାହାର କରି ପ୍ରଥମ ଓ ଦ୍ୱିତୀୟ ଇତ୍ୟାଦି ଲେଖ ।




- କଳା କୁକୁର କେଉଁ ପୁରସ୍କାର ପାଇଲା ? ______
- ପ୍ରଥମ ପାଇଁ ସଂକ୍ଷେପରେ କ'ଣ ଲେଖାଯାଇଛି ? ______
- ଚତୁର୍ଥ ପାଇଁ ସଂକ୍ଷେପରେ କ'ଣ ଲେଖାଯାଇଛି ? ______
- ସପ୍ତମ ପାଇଁ ସଂକ୍ଷେପରେ କ'ଣ ଲେଖାଯାଇଛି ? ______
- ନବମ ପାଇଁ ସଂକ୍ଷେପରେ କ'ଣ ଲେଖାଯାଇଛି ? ______
- ଦଶମ ପାଇଁ ସଂକ୍ଷେପରେ କ'ଣ ଲେଖାଯାଇଛି ? ______




ସୁବିଧାରେ ଲେଖିବା ପାଇଁ ପ୍ରଥମକୁ - ୧ମ, ଦ୍ୱିତୀୟକୁ - ୨ୟ, ତୃତୀୟକୁ - ୩ୟ ଭାବେ ଲେଖାଯାଏ ।

କିନ୍ତୁ ପ୍ରଥମକୁ ୧ମ, ଦ୍ୱିତୀୟକୁ ୨ୟ ପଢ଼ାଯାଏ ନାହିଁ ।

# ଅଭ୍ୟାସ କାର୍ଯ୍ୟ

୧.




- କୁନା କେଉଁ ପାହଚରେ ଠିଆ ହୋଇଛି ? ______
- ମୁନି କେତେ ପାହାଚ ଯିବା ପରେ ୩ୟ ପାହାଚରେ ପହଞ୍ଚିଛି ? ______
- କୁନା କେତୋଟି ପାହାଚ ଓହ୍ଲାଇଲେ ମୁନା ଠିଆ ହୋଇଥିବା ପାହାଚକୁ ଆସିବ ? ______
- ଲିନା ୪ଟି ପାହାଚରୁ ଓହ୍ଲାଇଲେ କେଉଁ ପାହାଚରେ ପହଞ୍ଚିବ ? ______
- ମୁନି କେତେ ପାହାଚ ଉଠିଲେ ଓ ମୁନା କେତେ ପାହାଚ ଖସିଲେ ଦୁହେଁ ଗୋଟିଏ ପାହାଚରେ ଠିଆ ହେବେ ? ______


ଏବେ ଲେଖ ୧ମ = ପ୍ରଥମ

୨ୟ = ______, ୩ୟ = ______, ୪ର୍ଥ = ______,

୫ମ = ______, ୬ଷ୍ଠ = ______, ୭ମ = ______,

୮ମ = ______, ୯ମ = ______, ୧୦ମ = ______

୨. ଖେଳାଳୀଙ୍କ ଟୋକନ୍‌ରେ କିଛି ଲେଖାଯାଇଛି ଓ କିଛି ଖାଲି ଅଛି । ଖାଲି ଥିବା ଘର ପୂରଣ କରି କେଉଁ ଟୋକନ୍ କାହାର, ଗାର ଦେଇ ଚିହ୍ନାଅ ।




୩. ପରୀକ୍ଷାରେ ଗୋଟିଏ ସ୍ଥାନ ପାଇଥିବା ତୁମ ଶ୍ରେଣୀରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ପିଲାଙ୍କ ନାମ ଦିଆଯାଇଛି । ୨୦ ନମ୍ବରରୁ କିଏ କେତେ ପାଇବେ ତୁମେ ନିଜେ ନମ୍ବର ଦିଅ ।

| ପିଲାଙ୍କ ନାମ | ସ୍ଥାନ | ନମ୍ବର |
|---|---|---|
| ଆଲୋକ | ପ୍ରଥମ | ...................... |
| ରୋଜି | ଦ୍ୱିତୀୟ | ...................... |
| ବାବୁନା | ତୃତୀୟ | ...................... |
| ମିତାଲି | ଚତୁର୍ଥ | ...................... |
| ସୌରଭ | ପଞ୍ଚମ | ...................... |
| ସୟଦ | ଷଷ୍ଠ | ...................... |
| ବାବି | ସପ୍ତମ | ...................... |
| ସୀମା | ଅଷ୍ଟମ | ...................... |
| ରମା | ନବମ | ...................... |
| ଭୀମ | ଦଶମ | ...................... |